# ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

**ବସୁନ୍ଧରା ମିସ୍ କେସ୍ ନଂ. ୦୨/୨୦୨୪**

## ସର୍ବସାଧାରଣ ଇସ୍ତାହାର

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିକୁ ରକ୍ଷିତ ଖାତାରୁ ଆବାଦ ଯୋଗ୍ୟ ଅନାବାଦୀ ଖାତାରେ ପରିବର୍ତ୍ତନ କଲାପରେ ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ଗୃହ ନିର୍ମାଣ ଉଦ୍ଦେଶ୍ୟରେ ଲିଜ୍ ସୂତ୍ରରେ ଦେବା ପାଇଁ ସ୍ଥିରକୃତ ହୋଇଅଛି ।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ଖାତା ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଇସ୍ତାହାର ପ୍ରକାଶ ପାଇବାର **୧୫ (ପନ୍ଦର)** ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେକୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଗ୍ରହଣ କରାଯିବନାହିଁ ।

### ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ/ ଖାତାଦାର |
|---|---|---|---|---|---|
| ଫୁଲଟା | ୧୪୮୦ | ୧୮୦୧/୧ | ୦.୦୭୪ | ୦.୦୩୦ | ବସ୍ତି ସମ୍ପ୍ରସାରଣ (ରକ୍ଷିତ) |

06.12.24

ତହସିଲଦାର, କନିଷି

**ପରିପତ୍ର ସଂଖ୍ୟା- ୧୬୯୧୧ /** **ତାରିଖ-୦୬.୧୨.୨୦୨୪**

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ଫୁଲଟାଙ୍କ ଦ୍ୱାରା ମୌଜା- ଫୁଲଟାର ପ୍ରକାଶ୍ୟ ସ୍ଥାନରେ ଡେଙ୍ଗୁରା/ମାଇକିଙ୍ଗ୍ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସରପଞ୍ଚ, ଫୁଲଟା ଗ୍ରାମପଞ୍ଚାୟତଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), ଏନ୍.ଆଇ.ସି., ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

06.12.24

ତହସିଲଦାର, କନିଷି